# Prime Minister Co-Chairs the Plenary session of the 6th India-Germany Inter-Governmental Consultations

May 02, 2022

# ଷଷ୍ଠ ଭାରତ-ଜର୍ମାନୀ ଆନ୍ତଃ- ସରକାରୀ ପରାମର୍ଶର ମିଳିତ ଅଧିବେଶନରେ ସହ-ଅଧ୍ୟକ୍ଷତା କରିଛନ୍ତି ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜର୍ମାନ ରିପବ୍ଲିକର ଚାନସେଲର ମାନ୍ୟବର ଶ୍ରୀ ଓଲାଫ୍ ସ୍କୋଲଜ୍ ଙ୍କ ସହିତ ଭାରତ-
ଜର୍ମାନୀ ଆନ୍ତଃ ସରକାରୀ ପରାମର୍ଶ (ଆଇଜିସି) ର ମିଳିତ ଅଧିବେଶନରେ ସହ ଅଧ୍ୟକ୍ଷତା କରିଛନ୍ତି ।

ପ୍ରାରମ୍ଭିକ ମନ୍ତବ୍ୟରେ ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କର ମୁଖ୍ୟ ଦିଗକୁ ପ୍ରତିଫଳିତ କରିବା ସହିତ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗରେ ଅଂଶୀଦାର ଦୃଷ୍ଟିକୋଣକୁ ଗୁରୁତ୍ୱପ୍ରଦାନ କରିଥିଲେ । ପ୍ରଧାନମନ୍ତ୍ରୀ ଗୁରୁତ୍ୱା ରୋପ କରିଛନ୍ତି ଯେ ଭାରତ-
ଜର୍ମାନୀ ସହଭାଗୀତା ବର୍ତ୍ତମାନର ଦୁନିଆରେ ଏକ ସଫଳତାର ଉଦାହରଣ ହୋଇପାରେ । ସେ ଭାରତର ଆତ୍ମନିର୍ଭର ଭାରତ ଅଭିଯାନରେ ଜର୍ମାନୀର ଅଂଶଗ୍ରହଣ ପାଇଁ ନିମନ୍ତ୍ରଣ କରିଥିଲେ ।

ଅଂଶଗ୍ରହଣକାରୀ ମନ୍ତ୍ରୀ ଏବଂ ଉଭୟ ପକ୍ଷର ଅଧିକାରୀମାନେ ଆଇଜିସିର ବିଭିନ୍ନ ଦିଗ ଉପରେ ସେମାନ ଙ୍କର ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ:

- ବୈଦେଶିକ ବ୍ୟାପାର ଏବଂ ସୁରକ୍ଷା
- ଅର୍ଥନୈତିକ, ଆର୍ଥିକ ନୀତି, ବୈଜ୍ଞାନିକ ଏବଂ ସାମାଜିକ ବିନିମୟ
- ଜଳବାୟୁ, ପରିବେଶ, ସ୍ଥାୟୀ ବିକାଶ ଏବଂ ଶକ୍ତି

ଅର୍ଥମନ୍ତ୍ରୀ ଶ୍ରମତୀ ନିର୍ମଳା ସୀତାରମଣ; ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର; ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ଭୂ ବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ; ଏବଂ ଡିପିଆଇଆଇଟି ସଚିବ ଶ୍ରୀ ଅନୁ ରାଗ ଜୈନ ଭାରତ ପକ୍ଷରୁ ଉପସ୍ଥାପନା କରିଥିଲେ ।

ସବୁଜ ଏବଂ ସ୍ଥାୟୀ ବିକାଶ ସହଭାଗିତା ପ୍ରତିଷ୍ଠା ପାଇଁ ମିଳିତ ଘୋଷଣାନାମା ଚିଠା (ଜେଡିଆଇ) ପ୍ରଧାନମ ନ୍ତ୍ରୀ ଏବଂ ଚାନସେଲର ସ୍କୋଲଜଙ୍କ ଦସ୍ତଖତ ସହିତ ସର୍ବଦଳୀୟ ଅଧିବେଶନ ସମାପ୍ତ ହୋଇଛି । ଏହି ସହ ଭାଗୀତା ଏସ୍‌ଡିଜିଏସ୍ ଏବଂ ଜଳବାୟୁ କାର୍ଯ୍ୟ ଉପରେ ଭାରତ-ଜର୍ମାନୀ ସହଯୋଗ ପାଇଁ ଏକ ସମ୍ପୂର୍ଣ୍ଣ-

ସରକାରୀ ଆଭିମୁଖ୍ୟ ଧାର୍ଯ୍ୟ କରିଛି, ଯାହା ଅଧୀନରେ ୨୦୩୦ ପର୍ଯ୍ୟନ୍ତ ନୂତନ ତଥା  ଅତିରିକ୍ତ  ବିକାଶ ସହାୟତା ପାଇଁ ଜର୍ମାନୀ ଏକ ଅଗ୍ରୀମ ପ୍ରତିଶ୍ରୁତି ଭାବେ ୧୦ ବିଲିୟନ ୟୁରୋ ଦେବାକୁ ରାଜି ହୋଇଛି । ଏହି ଜେଡିଆଇ ମଧ୍ୟ ସହଭାଗୀତାକୁ ଉଚ୍ଚ ସ୍ତରୀୟ ସମନ୍ୱୟ ଏବଂ ରାଜନୈତିକ ଦିଗ ପ୍ରଦାନ କରିବାକୁ ଆଇଜିସି ମଧ୍ୟରେ ଏକ ମନ୍ତ୍ରୀସ୍ତରୀୟ ବ୍ୟବସ୍ଥା ସୃଷ୍ଟି କରିବ ।

ଆଇଜିସି ପରେ ଏକ ମିଳିତ ବିବୃତ୍ତି ଗ୍ରହଣ କରାଯାଇଥିଲା, ଯାହା ଏଠାରେ ଦେଖାଯାଇପାରେ

ଦ୍ୱିପାକ୍ଷିକ ମନ୍ତ୍ରୀସ୍ତରୀୟ ବୈଠକରେ ଅନେକ ଚୁକ୍ତିନାମା ହୋଇଥିଲା । ତାଲିକା ଏଠାରେ ଦେଖାଯାଇପାରେ

ବର୍ଲିନ
ମେ **02, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.